## ସଂକ୍ଷେପରେ

### ଓଲଟିଲା କାର୍‌, ୫ ଆହତ



**ପବିତ୍ରନଗର,୨୩।୪(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ତାଳଚେର-ପାଲଲହଡା ମୁଖ୍ୟ ରାସ୍ତାର ସମଲ ଗ୍ରାମ ମାଉସୀ ମା ମନ୍ଦିର ନିକଟରେ ଶନିବାର ପୂର୍ବାହ୍ନ ୧୧ଟା ବେଳେ ଏକ କାର୍‌ (ନଂ. ଓଡି୧୯କେ-୪୧୨୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଚାଳକଙ୍କ ସମେତ ଏଥିରେ ବସିଥିବା ଡଅଁରା ଓ କୁଲେଇ ଗ୍ରାମର ଦୁଇଜଣ ମହିଳା ଓ ଦୁଇ ଶିଶୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। କାର୍‌ଟି ତାଳଚେର ଆଡୁ କୁଲେଇ ଅଭିମୁଖେ ଯାଉଥିବା ବେଳେ ସମଲ ଗ୍ରାମ ମାଉସୀ ମା' ମନ୍ଦିର ନିକଟରେ ହଠାତ ରାସ୍ତା କଡକୁ ଓଲଟି ପଡିଥିଲା।

### ଗୋଶାଳାରେ ଅଗ୍ନିକାଣ୍ଡ



**ଅନୁଗୋଳ ଅଫିସ,୨୩।୪:** ଅନୁଗୋଳ ରନ୍ତଲେଇସ୍ଥିତ ଗୋପାଳ ଗୋଶାଳାରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫାୟାରମ୍ୟାନ ସୁକାନ୍ତ ନାଥ, ରଞ୍ଜନ ଲେଙ୍କା ପ୍ରମୁଖ ନିଆଁ ଲିଭା କାର୍ଯ୍ୟ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ କ୍ଷୟକ୍ଷତି ଆକଳନ ଚାଲିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖ୍ୟ ଚିକିତ୍ସାଳୟକୁ ଫ୍ରିଜ୍‌ ପ୍ରଦାନ

**ଅନୁଗୋଳ ଅଫିସ,୨୩।୪:** ଅନୁଗୋଳ ସହରର ଅନ୍ୟତମ ବ୍ୟବସାୟୀ ସୀତାରାମ ମାଣ୍ଡୋଠିଆ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟର ପୁରୁଷ ୱାର୍ଡକୁ ଏକ ଫ୍ରିଜ୍‌ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଡିଏମ୍‌ଓ ମେଡିକାଲ ଡାକ୍ତର ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ଅଶୋକ ମାଣ୍ଡୋଠିଆ, ଡାକ୍ତର ସୌମ୍ୟକାନ୍ତ ବିଶୋଇ, ଷ୍ଟୋର ଫାର୍ମାସିଷ୍ଟ ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍‌ହା ଆକ୍ରମଣରେ ୨ ଚାଷୀ ଗୁରୁତର

**ଛେଣ୍ଡିପଦା,୨୩।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କୁକୁରପେଟା ଗ୍ରାମରେ ବାର୍‌ହା ଆକ୍ରମଣରେ ୨ ଚାଷୀ ଗୁରୁତର ହେଇଛନ୍ତି। ସେମାନେ ହେଲେ କୁକୁରପେଟା ଗ୍ରାମର ତୈଳ ଚନ୍ଦ୍ର ସାହୁ ଓ ଭାଲୁପାଳ ଗ୍ରାମର ନୁହୁରୁ ସାହୁ। ପ୍ରକାଶ ଯେ, କୁକୁରପେଟା ଗ୍ରାମର ତୈଳ ଚନ୍ଦ୍ର ସାହୁ ଘରପାଖ କଦଳୀ ବଗିଚାରେ ପାଣି ଦେଉଥିବା ସମୟରେ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଏହା ପରେ ଉକ୍ତ ବାର୍‌ହାଟି ସେଠାରୁ ଜଙ୍ଗଲ ଆଡକୁ ପଳାଇ ଯାଉଥିବା ବେଳେ ପୋଟଳ ବଗିଚାରେ କାମ କରୁଥିବା ଭାଲୁପାଳ ଗ୍ରାମର ନୁହୁରୁ ସାହୁଙ୍କୁ ମଧ ଆକ୍ରମଣ କରି ଜଙ୍ଗଲକୁ ପଳାଇ ଯାଇଥିଲା। ଫଳରେ ସମ୍ପୃକ୍ତ ୨ଜଣ ଚାଷୀଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ବାଲିପଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତୈଳ ଚନ୍ଦ୍ର ସାହୁ ଓ ନୁହୁରୁ ସାହୁଙ୍କ ଚିକିତ୍ସା ଜାରି ରହିଛି। ଦୁହେଁ ସୁସ୍ଥ ଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି।

# ଚିନ୍ତା ବଢ଼ାଇଲାଣି ଚୋରା ମଦ

**ଖମାର,୨୩।୪(ଡି.ଏନ.ଏ.)**

- ଗ୍ରାମାଞ୍ଚଳରେ ଖୋଲାଖୋଲି ଚାଲିଛି ବିକ୍ରି
- ଅଟୋ, ବାଇକ୍‌ରେ ପହଞ୍ଚାଉଛନ୍ତି ଅସାଧୁ ବ୍ୟବସାୟୀ
- ପାଲଲହଡ଼ା ଉପଖଣ୍ଡରେ ବଢ଼ୁଛି ଅସନ୍ତୋଷ

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଚୋରା ଦେଶୀ ବିଦେଶୀ ମଦ କାରବାର ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। କେତେଜଣ ଅସାଧୁ ବ୍ୟବସାୟୀ ଗ୍ରାମାଞ୍ଚଳକୁ ଏହା ଯୋଗାଣ କରୁଥିବାରୁ ସେଠାରେ ବହୁଳ ମାତ୍ରାରେ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପାଲଲହଡ଼ା ଅବକାରୀ ବିଭାଗ ପକ୍ଷରୁ ସେପରି ଚଢ଼ାଉ କରାଯାଉ ନ ଥିବାରୁ ଏହି ଚୋରା ମଦ କାରବାର ଉପଖଣ୍ଡବାସୀଙ୍କ ଚିନ୍ତା ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି।

ପାଲଲହଡ଼ା ଉପଖଣ୍ଡରେ ରହିଛି ୪୭ ପଞ୍ଚାୟତ। ଏଠାରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପାଲଲହଡ଼ା ଓ ଖମାର ଥାନା ଥିବାବେଳେ ଅବକାରୀ ସାମଗ୍ରୀର ଚୋରା କାରବାର ରୋକିବାକୁ ଏକ ଅବକାରୀ ଥାନା ଅଛି। କିନ୍ତୁ ପୋଲିସ ଓ ଅବକାରୀ ଥାନା କର୍ମଚାରୀମାନେ ଚୋରା ଦେଶୀ ବିଦେଶୀ ମଦ କାରବାର ରୋକିବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଗତ ଜାନୁୟାରୀରୁ ମାର୍ଚ୍ଚ ୩ମାସ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ୪୨ଟି ମାମଲା ରୁଜୁ କରାଯାଇ ୩୯ ଜଣଙ୍କୁ ଗିରଫ କରାଯାଇଛି। ହେଲେ ଚୋରା କାରବାର ରୋକିବାକୁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ଗାଁ ଲୋକଙ୍କ କହିବା ଅନୁଯାୟୀ, ଚୋରା ଦେଶୀ, ବିଦେଶୀ ମଦ ବେପାର ଚେର ଏଠାରେ ବେଶ୍‌ ମଜଭୁତ ହୋଇସାରିଛି। ଗ୍ରାମାଞ୍ଚଳର ଦୋକାନଗୁଡ଼ିକରେ ବିଭିନ୍ନ ସାମଗ୍ରୀ ପହଞ୍ଚାଯାଉଥିବା ପରି ଅସାଧୁ ବ୍ୟବସାୟୀମାନେ ଅଟୋ ଓ ବାଇକ୍‌ରେ ମଦ ନେଇ ଗାଁ ଗାଁ ବୁଲି ଦୋକାନଗୁଡ଼ିକରେ ବିତରଣ କରୁଛନ୍ତି। ଭଲ ଲାଭ ମିଳୁଥିବାରୁ କେତେଜଣ ଦୋକାନୀ ଏହି ବେଆଇନ କାରବାରରେ ସାମିଲ ହୋଇଯାଉଛନ୍ତି। ଏପରି କି ସ୍କୁଲ, ମନ୍ଦିର, ଡାକ୍ତରଖାନା ଆଦି ନିକଟରେ ଥିବା କେତେକ ଦୋକାନୀ ଚୋରା ମଦ ଖୋଲାଖୋଲି ବିକ୍ରି କରୁଥିବା ଦେଖାଯାଉଛି। ଅବକାରୀ ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କୁ ହାତ କରି ଅସାଧୁ ବ୍ୟବସାୟୀମାନେ ଦୀର୍ଘବର୍ଷ ହେଲା ଏପରି ଚୋରା କାରବାର ଚଳାଇ ଆସିଥିଲେ ମଧ ସେମାନଙ୍କୁ ଧରାଯାଇ ପାରୁନାହିଁ। ସେହିପରି ଉପଖଣ୍ଡରେ ଥିବା ମୋଟ ୯ ମଦ ଦୋକାନ ମଧ୍ୟରୁ ପାଲଲହଡ଼ାରେ ୨ଟି, ଖମାର, କଣ୍ଟିଆପସି, ଇଞ୍ଜିଡିରେ ୫ଟି ଓ ନିମିରିବଡା, ବାଲିପସିରେ ୨ଟି ଦେଶୀ ମଦ ଭାଟିରେ ଆଇନର ଅନୁପାଳନ ହେଉଛି କି ନାହିଁ ତାହା ଅବକାରୀ ବିଭାଗ କି ପୋଲିସ ପକ୍ଷରୁ ଯାଞ୍ଚ କରାଯାଉ ନାହିଁ। ଫଳରେ କେତେକ କାଉଣ୍ଟରରେ ଖୋଲାରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏପରି ବେଆଇନ କାରବାର ବଢ଼ୁଥିବା ଯୋଗୁ ପାଲଲଡ଼ା ଦେଇ ଯାଇଥିବା ୨ଟି ରାଜପଥରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ଗାଁମାନଙ୍କରେ ସାମାଜିକ ସଦ୍‌ଭାବନା ନଷ୍ଟ ହେଉଛି। ପାରିବାରିକ ବିଶୃଙ୍ଖଳା ବଢ଼ିବାରେ ଲାଗିଛି।

**ଚଢ଼ାଉ ଜାରି ରହିଛି**



" ପାଲଲହଡ଼ା ଉପଖଣ୍ଡରେ ଚୋରା ମଦ କାରବାର ରୋକିବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ଅଧିକରୁ ଅଧିକ ମାତ୍ରାରେ ଚଢ଼ାଉ ଓ ଗିରଫଦାରି ପାଇଁ ଚେଷ୍ଟା ଜାରି ରହିଛି। ବେଆଇନ କାରବାରକୁ ଆଦୌ ପ୍ରୋତ୍ସାହନ ଦିଆଯିବ ନାହିଁ।

-ବିପିନ ସାହୁ, ଅବକାରୀ ଅଧିକାରୀ, ପାଲଲହଡ଼ା

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ**



" ବେଆଇନ ମଦ ବିକ୍ରି ବଢ଼ୁଥିବାର ଉଦାହରଣ ସବୁଠି ଦେଖିବାକୁ ମିଳୁଛି। ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଓ ମେଡିକାଲ ନିକଟରେ ଖୋଲାଖୋଲି ଚୋରା ମଦ ମିଳୁଛି। ଏହାକୁ ରୋକିବାକୁ ହେଲେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ।

-ମୀନା ପ୍ରଧାନ, ଖମାର

**ପ୍ରଶାସନ କଠୋର ହେଉ**



" ଥାନା ଠାରୁ ମାତ୍ର ୫୦୦ ମିଟର ଦୂରରେ ଚୋରା ମଦ, ଗଞ୍ଜେଇ ଅତି ସହଜରେ ମିଳିପାରୁଛି। କେତେକ ପାନ ଦୋକାନ, ଝୁମ୍ପୁଡ଼ି ହୋଟେଲ, ଢାବାରେ ଏହି କାରବାର କରାଯାଉଛି। ଏଥିପ୍ରତି ପ୍ରଶାସନ କଠୋର ଆଭିମୁଖ୍ୟ ଦେଖାଇବା ଦରକାର।

-ହରିଶଚନ୍ଦ୍ର ଦାସ, ପାଲଲହଡ଼ା

# ସଭାଗୃହ ନିର୍ମାଣ ପାଇଁ ଦାବିପତ୍ର

**ବଇଣ୍ଡା,୨୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଛକରେ ଏକ ସଭାଗୃହ ନିର୍ମାଣ ପାଇଁ ଶନିବାର ବଇଣ୍ଡା ଗ୍ରାମବାସୀ ସମ୍ବଲପୁର ଏମ୍‌ପିଙ୍କ ଉଦ୍ଦେଶ୍ୟରେ ତାଙ୍କ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ଜିତେନ୍ଦ୍ର ବେହେରା, ରାଜେନ୍ଦ୍ର ସାହୁ, ମାନସ ରଞ୍ଜନ ସାହୁ, ବୁଲୁପ୍ରସାଦ ସାହୁ, ପ୍ରତାପ ପ୍ରଧାନଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି, ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ସ୍ଥାନ ହେଉଛି ବଇଣ୍ଡା ଛକ। ରେଳପଥ ଓ ୫୫ ନମ୍ବର ଜାତୀୟ ରାଜପଥ ଏହି ଛକ ଦେଇ ଯାଇଥିବା ଯୋଗୁ ବଇଣ୍ଡା ଅଞ୍ଚଳର ଗୁରୁତ୍ୱ ବଢିଛି। ହେଲେ ସଭାଗୃହ ନ ଥିବାରୁ ଅସୁବିଧା ହେଉଛି। ବଇଣ୍ଡା ଗ୍ରାମର ଯେ କୌଣସି କାର୍ଯ୍ୟକ୍ରମ କରିବାକୁ ହେଲେ ସଭାଘର ନ ଥିବା ଯୋଗୁ ବିଭିନ୍ନ ମନ୍ଦିରରେ ସଭାସମିତି କରାଯାଉଛି। ବଇଣ୍ଡାରେ ଥିବା ଏକ ସରକାରୀ ଜମିରେ ଏହି ସଭାଗୃହ ନିର୍ମାଣ ପାଇଁ ବଇଣ୍ଡା ଗ୍ରାମବାସୀ ଏମ୍‌ପିଙ୍କ ନିକଟରେ ଦାବି କରିଛନ୍ତି।



ଏମ୍‌ପିଙ୍କ ପ୍ରତିନିଧିଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

# ପଞ୍ଚାୟତ ବିକାଶ ଉପରେ ଆଲୋଚନା



ସାନତ୍ରିବିଡା ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ଅଧିକାରୀ ଓ ସହକର୍ମୀ।

**କଣିହାଁ,୨୩।୪(ଡି.ଏନ.ଏ.)**

କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତରେ ହେଉଥିବା ଜନକଲ୍ୟାଣ କାର୍ଯ୍ୟକୁ ଶୁକ୍ରବାର ବିଡିଓ ନିଶାନ ମିଶ୍ରଙ୍କ ସହିତ ଅନ୍ୟ ଅଧିକାରୀ ପରିଦର୍ଶନ କରିଛନ୍ତି। ସରପଞ୍ଚ ସୁଜତା ପ୍ରଧାନ ଓ ସମିତି ସଭ୍ୟା ମିନାକ୍ଷୀ ସାହୁ ଉପସ୍ଥିତ ଥିଲେ। ସରକାରୀ ଯୋଜନାର ସୁବିନିଯୋଗକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜନସାଧାରଣ ମୌଳିକ ସମସ୍ୟାକୁ ଦୂର କରାଯିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ଗରିବ ହିତାଧିକାରୀମାନେ ସରକାରୀ ଯୋଜନାରେ କିପରି ଉପକୃତ ହୋଇପାରିବେ ସେ ନେଇ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏପିଓ ଦୀପ୍ତିରେଖା ସ୍ୱାଇଁ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ବଡ଼ତ୍ରିବିଡା ଓ ଜରଡା ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରାଯାଇଥିଲା ବୋଲି ବିଭାଗୀୟ ଅଧିକାରୀ ଓ ସାମାଜିକ କର୍ମୀ ନିର୍ମଳ ସାହୁ ସୂଚନା ଦେଇଛନ୍ତି।

# ୧୫୨୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଛେଣ୍ଡିପଦା,୨୩।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତରେ ଶୁକ୍ରବାର ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶିଷ ପାଣିଙ୍କ ତତ୍ତ୍ୱାବଧାନରେ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ଉପଜିଲାପାଳ ବାସୁଦେବ ଶତପଥୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଯଶୋବନ୍ତ ବେହେରା, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସରପଞ୍ଚ ପ୍ରିୟଙ୍କା ସାହୁ, ସସ୍ମିତା ସାହୁ, ସମିତି ସଭ୍ୟ ସବିତା ସାହୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରା, ଡା. ବିନୋଦ ସାହୁ, ଆଶା ମ୍ୟାନେଜର ବିକାଶିନୀ ପରିଡା, ଛେଣ୍ଡିପଦା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସେବାଷ୍ଟିନା କୁଜୁର ପ୍ରମୁଖ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୋଟ୍‌ ୧୫୨୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ରୋଗୀଙ୍କୁ ବିନାମୂଲ୍ୟରେ ଔଷଧ ଯୋଗାଇ ଦିଆଯାଇଥିଲା। ନୂଆମୌଜ ଗଣେଶ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏଥିସହିତ ଏକ ରକ୍ତଦାନ ଶିବିର କରାଯାଇ ୨୦ ୟୁନିଟ୍‌ ରକ୍ତ ସଂଗ୍ରହ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳକ ସଞ୍ଜୟ କୁମାର ବେହେରା ଏହାକୁ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ, ଆଶା କର୍ମୀ ଓ ଅଙ୍ଗନଓ୍ୱାଡ଼ି କର୍ମୀମାନେ ସହଯୋଗ କରିଥିଲେ।




ସ୍ୱାସ୍ଥ୍ୟମେଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ପାନୀୟଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ



ଜଳ ବିତରଣ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

**ତାଳଚେର,୨୩।୪(ନି.ପ୍ର.)**

ତାଳଚେରରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏମ୍‌ସିଏଲ୍‌ ତାଳଚେର କ୍ଷେତ୍ର ପ୍ରଗତି ମହିଳା ମଣ୍ଡଳ ପକ୍ଷରୁ ଶୁକ୍ରବାର ସରକାରୀ ଡାକ୍ତରଖାନା ଛକଠାରେ ଏକ ଜଳଛତ୍ର ଖୋଲାଯାଇଛି। ଏହାକୁ ୩ ନମ୍ବର ୱାର୍ଡ କାଉନସିଲର ଲିପିକା ବେହେରା ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପ୍ରଗତି ମହିଳା ମଣ୍ଡଳ ସଭାନେତ୍ରୀ ଡୋଲି ମିଶ୍ର, ସ୍ମୃତିପ୍ରଜ୍ଞା ବେହେରା, ସୁଶାନ୍ତି ସାହୁ, ରିତୁ କୁମାର, ଭିଭା କୁମାର, ରଶ୍ମିତା ପଟ୍ଟନାୟକ, ରୋଜାଲିନ ଦାସ, ସୁଭଶ୍ରୀ ପଟେଲ, ମିଲଟନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ଲୋକଙ୍କୁ ଶୁଖିଲା ଖାଦ୍ୟ, ତରଭୁଜ, ଚଣା, ଗୁଡ଼ ଓ ଅନ୍ୟାନ୍ୟ ଥଣ୍ଡା ପାନୀୟ ପ୍ରଦାନ କରାଯାଇଥିଲା। ଶନିବାରଠାରୁ ଥଣ୍ଡା ପାଣି ସାଙ୍ଗକୁ ଦହି ସରବତର ବ୍ୟବସ୍ଥା କରାଯିବ ବୋଲି ପ୍ରଗତି ମଣ୍ଡଳ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ବହୁ ଅଧିକାରୀ, ଯନ୍ତ୍ରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।




ଅକ୍ଷୟ ତୃତୀୟା ଉପଲକ୍ଷେ ତନିସ୍କର ଅନୁଗୋଳ ଅମଲାପଡ଼ାସ୍ଥିତ ଫ୍ଲାଗଶିପ୍‌ ଷ୍ଟୋର ପରିସରରେ ଏହାର ସ୍ୱତନ୍ତ୍ର ଉତ୍ପାଦ 'ଅନୁପମା'ର ଉନ୍ମୋଚନ କରାଯାଉଛି। ଏହି ଅବସରରେ ଷ୍ଟୋର କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଚାରା ରୋପଣ ପାଇଁ ପରାମର୍ଶ

**ତାଳଚେର,୨୩।୪(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଡିଏଭି ପବ୍ଲିକ୍‌ ସ୍କୁଲ ଅନନ୍ତବିହାର ପକ୍ଷରୁ ଶୁକ୍ରବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରା ରୋପଣ ନିମନ୍ତେ ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଛାତ୍ରୀ ଅରୋସିକା ଅନାମିକା ବିଶ୍ୱ ଧରିତ୍ରୀ ଦିବସ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଛାତ୍ରୀ ସେଲୋନି ବାରିକ ଏବଂ ପ୍ରୀତିସ୍ମିତା ଜେନା ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ସୁବାସ ଜେନାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତାମୂଳକ ଗୀତାଭିନୟ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ଅଞ୍ଜନ ମୁଦୁଲି କୁଇଜ୍‌ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଇଲା ମିଶ୍ର ମଞ୍ଚ ସଞ୍ଚାଳନ କରିଥିବାବେଳେ ବିଶ୍ୱବିଜୟିନୀ ରାମନନ୍ଦିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସବ୍ୟସାଚୀ ପ୍ରଧାନ, ରୀତାରାଣୀ ଗଡନାୟକ, ଅନସୂୟା ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟକ୍ଷା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# 'ବିଜ୍ଞାନ ପ୍ରତି ସର୍ବଦା ଜିଜ୍ଞାସା ରଖ'

**ଅନୁଗୋଳ ଅଫିସ,୨୩।୪**

ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକମାନଙ୍କୁ ବିଜ୍ଞାନ ପ୍ରତି ସର୍ବଦା ଜିଜ୍ଞାସା ରଖିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜର ପଦାର୍ଥ ବିଜ୍ଞାନ ମୁଖ୍ୟ ବସନ୍ତ କୁମାର ସାହୁ ଯୋଗଦେଇ ବିଜ୍ଞାନ ମାନବ ସଭ୍ୟତାର ଚିରନ୍ତନ ସାଥୀ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସଭାପତିତ୍ୱ କରିଥଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପଗୁଡିକ ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜ ରସାୟନ ବିଜ୍ଞାନ ମୁଖ୍ୟ ଡ. ନୀଳାଚଳ ପଟେଲ ଯୋଗଦେଇ ସରଳ ଭାବେ ବିଜ୍ଞାନକୁ ଭଲପାଇବା କଥା ବୁଝାଇ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୁଚିସ୍ମିତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ୮ଟି ବ୍ଲକରୁ ୪୮ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଶେଷରେ କୃତି ପ୍ରକଳ୍ପ ନିର୍ମାତାମାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟର ଆୟୋଜନ କରାଯାଇଥିଲା। ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଶତପଥୀ ସଭା ପରିଚାଳନା କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### କୋଇଲା ଜବତ, ଜଣେ ଗିରଫ

**କଣିହାଁ,୨୩।୪(ଡି.ଏନ.ଏ.):** ବାଇକ୍ ଯୋଗେ କୋଇଲା ଚାଲାଣ ଅଭିଯୋଗରେ କଣିହାଁ ଥାନା ପୋଲିସ ଶନିବାର ଡାଇଭର ଗ୍ରାମର ଦାମଦର ଭୂତିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଦାମଦର ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ନଂ.୯୪/୨୨ରେ ମାମଲା ରୁଜୁ ହୋଇଥିବା ଆଇଆଇସି କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି।

### ହାତୀ ଆକ୍ରମଣରେ ମହିଳା ଗୁରୁତର



**କଣିହାଁ,୨୩।୪(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ଥାନା ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ଚିତ୍ତଲପୁର ଗ୍ରାମର ଗୋପାଳୀ କାଣ୍ଡଇ (୫୦) ଶନିବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ଗୋପାଳୀ କେନ୍ଦୁପତ୍ର ତୋଳିବାକୁ ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ତାଙ୍କୁ ପ୍ରଥମେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ମହିଳାଙ୍କୁ କେନ୍ଦୁପତ୍ର ବିଭାଗ ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଯୁବନେତା ପର୍ଣ୍ଣଙ୍ଗ ଭୂଷଣ ବେହେରା, ରଞ୍ଜନ ସାହୁ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପଟେ ବନବିଭାଗ ତରଫରୁ ବିଧିମେତ ଚିକିତ୍ସା ଅର୍ଥବହନ କରାଯିବ। ଆକ୍ରମଣ କରିଥିବା ହାତୀଟି ତାଳଚେର ବନାଞ୍ଚଳ ରବିପୁର ସଂରକ୍ଷିତ ଜଙ୍ଗଲରେ ରହିଥିବାରୁ ଡାକବାଜି ଯନ୍ତ୍ର ସହାୟତାରେ ଜନସାଧାରଣଙ୍କୁ ସଚେତନତା କରାଯିବ। ବନକର୍ମଚାରୀଙ୍କୁ ହାତୀ ଘଉଡାଇବାରେ ନିୟୋଜିତ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

### ମା'ଙ୍କୁ ମାଡ଼ ମାରି ପୁଅ ଗିରଫ

**କଣିହାଁ,୨୩।୪(ଡି.ଏନ.ଏ.):** ମା'ଙ୍କୁ ମାଡ଼ ମାରିବା ଅଭିଯୋଗରେ କଣିହାଁ ଥାନା ପୋଲିସ ଶନିବାର ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, କଣିହାଁ ଗ୍ରାମରେ ମା' ପୁଅଙ୍କ ପରିବାର ଭିତରେ ବଚସାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ବାସନ୍ତୀ ନାଏକଙ୍କୁ ପୁଅ ସୁରେଶ ନାଏକ ମାର୍‌ପିଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ନଂ. ୯୫/୨୨ରେ ମାମଲାକୁ ନେଇ ଅଭିଯୁକ୍ତ ପୁଅଙ୍କୁ ଗିରଫ କରାଯାଇଛି।

**ଦ୍ୱିତୀୟ ବିବାହର ପ୍ରତିବାଦ କରିବାରୁ ମାଡ଼**

### ଥାନାରେ ଅଭିଯୋଗ କଲେ ସ୍ତ୍ରୀ

**ଅନୁଗୋଳ ଅଫିସ,୨୩।୪:** ବିନା ଛାଡ଼ପତ୍ରରେ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବାରୁ ଏହାକୁ ବିରୋଧ କରି ପ୍ରଥମ ସ୍ତ୍ରୀ ସ୍ୱାମୀ ଓ ଶାଶୁଘର ଲୋକଙ୍କଠାରୁ ମାଡ଼ ଖାଇଥିବା ଅଭିଯୋଗ ହୋଇଛି। ବଅଁରପାଳ ଥାନାରେ ଏ ନେଇ ପୀଡ଼ିତା ପୁଷ୍ପଲତା ନାଏକ ଅଭିଯୋଗ କରିଛନ୍ତି। ପୁଷ୍ପଲତା ଦର୍ଶାଇଛନ୍ତି, ସେ ବୈଦିକ ରୀତିନୀତିରେ ପ୍ରତାପ ନାଏକଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହ ପରଠାରୁ ଶାଶୁ ଘର ଲୋକ ତାଙ୍କୁ ଅଧିକ ଯୌତୁକ ପାଇଁ ନାନା ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ସେ ଫେବୃୟାରୀ ମାସରେ ଥାନାରେ ଅଭିଯୋଗ କରିବା ସହ ବାପ ଘରେ ରହି ଆସୁଛନ୍ତି। ତାଙ୍କ ମାମଲା ଏବେ ବିଚାରାଧୀନ ଥିବା ସହ ଛାଡ଼ପତ୍ର ମଧ୍ୟ ହୋଇନାହିଁ। ହେଲେ ସ୍ୱାମୀ ପ୍ରତାପ ପୁଣିଥରେ ବିବାହ କରୁଥିବା ଖବରପାଇ ସେ ଶୁକ୍ରବାର ଭାଇ ଓ ମା'ଙ୍କୁ ଧରି ଶଶୁ ଘରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ସ୍ୱାମୀ ପ୍ରତାପ ଓ ତାଙ୍କ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ତଳେ ପକାଇ ତଣ୍ଟି ଚିପି ଦେଇଥିଲେ। ଚିତ୍କାର ଶୁଣି ମା' ଓ ଭାଇ ପହଞ୍ଚି ଉଦ୍ଧାର କରିଥିଲେ। ସ୍ୱାମୀ ଓ ଶାଶୁ ଘର ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବିନା ଛାଡ଼ପତ୍ରରେ ଦ୍ୱିତୀୟ ବିବାହ କରିଥିବାରୁ ଏହି ବାହାଘରକୁ ଅବୈଧ ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି। ଏ ନେଇ ବଅଁରପାଳ ଥାନା ଅଧିକାରୀ କହିଛନ୍ତି, ଦୋଷୀଙ୍କୁ ଦଣ୍ଡ ମିଳିବ।

# ଶୀତୁଳା ପର୍ବ ସହ ହିଙ୍ଗୁଳା ଯାତ୍ରା ସମ୍ପନ୍ନ



ମା' ହିଙ୍ଗୁଳାଙ୍କ ଉଭାସ୍ଥଳରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।

**ତାଳଚେର,୨୩।୪(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଶନିବାର ଶୀତୁଳା ପର୍ବ ସହ ସମ୍ପନ୍ନ ହୋଇଛି। ଏଥିସହ ୧୮ତମ ଲୋକ ମହୋତ୍ସବ ମଧ୍ୟ ଉଦ୍‌ଯାପିତ ହୋଇଛି। ଯାତ୍ରାର ଶେଷ ଦିନ ହୋଇଥିବାରୁ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ମନ୍ଦିର ପରିସର ଓ ଉଭାସ୍ଥଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ମନ୍ଦିର ଓ ଉଭାସ୍ଥଳରେ ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଗୁଣୀଙ୍କ ଚଳନ୍ତି ପ୍ରତିମା ଆଲମକୁ ଦିଅଁଘରୁ ବଡ଼ମଣ୍ଡପ ଅଣାଯାଇଥିଲା। ସେଠାରେ ଦେହୁରୀ ଷୋଡ଼ଶ ଉପଚାର ପୂଜା କରି ମା'ଙ୍କ ଆରାଧନା କରିଥିଲେ। ଏହାପରେ ପୀଠରେ ଥିବା ପାଞ୍ଚ ପିଢ଼ ଯଥା- ମା' ହିଙ୍ଗୁଳା, ମା' କରଡେଇ, କୁଟେଇଗୁଣୀ, ଖୁମ୍ଭେଶ୍ୱରୀ ଓ କଳାପାଟଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ଆଲମକୁ ଉଭାସ୍ଥଳୀକୁ ନିଆଯାଇଥିଲା। ଚଳିତବର୍ଷ ମନ୍ଦିରର ପଶ୍ଚିମ ଦିଗରେ ଗୋପାଳପ୍ରସାଦ ଉଚ୍ଚ ବିଦ୍ୟାଳୟ ପାଚେରି ନିକଟରେ ମା' ହିଙ୍ଗୁଳା ଅଗ୍ନିରୂପରେ ଉଭା ହୋଇଥିଲେ। ସେଠାରେ ଦେହୁରୀ ପାରମ୍ପରିକ ରୀତିନୀତି ଅନୁଯାୟୀ ପଞ୍ଚୋପଚାର ପୂଜା କରିବା ସହ ମା' ଅଗ୍ନିରୂପାଙ୍କୁ ଉଖୁଡା, ଗୁଡ, ଘିଅ, ମହୁ, ନୈବେଦ୍ୟ ଆଦି ଅର୍ପଣ କରି ଶୀତଳ କରିଥିଲେ। ପରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହାପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି ହୋଇଥିଲା। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଲାମକୁ ବିଜେ କରାଯାଇ ସେଠାରେ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା। ସଂଧ୍ୟାରେ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା।

## ଲିଜ୍ ରଦ୍ଦ କରିବାକୁ ଦାବି

**ଅନୁଗୋଳ ଅଫିସ,୨୩।୪**

ସବୁଜ ବନାନୀ ମୁଣ୍ଡିଆରେ ପଥର ଖାଦାନ ପାଇଁ ଦିଆଯାଇଥିବା ଲିଜ୍ ତୁରନ୍ତ ରଦ୍ଦ କରିବାକୁ ଲୋକେଇପଶି ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଉକ୍ତ ମୁଣ୍ଡିଆକୁ ଗାଁ ଲୋକମାନେ ମିଶି ସବୁଜ ବନାନୀରେ ପରିଣତ କରିଛନ୍ତି। ସେଠାରେ ହଜାର ହଜାର ଚାରା ରୋପଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି। ଗାଁ ଲୋକଙ୍କ ଅନୁରୋଧ କ୍ରମେ ଦୀର୍ଘ ୨୦ ବର୍ଷ ହେଲା ପଥର ଖାଦାନ ପାଇଁ କାହାକୁ ପ୍ରଶାସନ ଅନୁମତି ଦେଇ ନ ଥିଲା। ହେଲେ ଅନୁଗୋଳ ତହସିଲଦାର ଏଠାରେ ପଥର ଖାଦାନ ପାଇଁ ଜଣେ ବ୍ୟକ୍ତିଙ୍କୁ ଲିଜ୍ ଅନୁମତି ଦେଇଛନ୍ତି। ପଥର ଖାଦାନ କାର୍ଯ୍ୟକାରୀ ହେଲେ ସବୁଜ ବନାନୀ ମାଟିରେ ମିଶିଯିବ। ଏଥିସହ ଏହି ମୁଣ୍ଡିଆରେ ଥିବା ଗ୍ରାମବାସୀଙ୍କ ଆରାଧ୍ୟ ଦେବତା ବୃନ୍ଦାବନଙ୍କ ପୂଜା, ସଂକୀର୍ତ୍ତନ ସହ ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବ। ତେଣୁ ପଥର ଖାଦାନ ପାଇଁ ଦିଆଯାଇଥିବା ଲିଜ୍‌କୁ ତୁରନ୍ତ ରଦ୍ଦ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ବିଧାୟକଙ୍କୁ ଦାବିପତ୍ର ଦେଲେ ବଇଣ୍ଡାବାସୀ

- ଶିକ୍ଷାନୁଷ୍ଠାନ ପଛରେ ହେଉ ବିଦ୍ୟାଳୟ
- ତୁରନ୍ତ ଶିକ୍ଷକ ନିଯୁକ୍ତି ଦିଆଯାଉ
- ଉଚ୍ଛେଦ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହେଉ

**ବଇଣ୍ଡା,୨୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏଗୁଡିକ ସମାଧାନ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ବଇଣ୍ଡା ଗ୍ରାମବାସୀ ଶନିବାର ଏକ ଦାବିପତ୍ର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି, ବଇଣ୍ଡା ଛକରେ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହୋଇପାରୁନାହିଁ। କିଛିବ୍ୟକ୍ତି ସେମାନଙ୍କ ସ୍ୱାର୍ଥ ହାସଲ କରିବା ପାଇଁ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଯୋଜନା କରିଥିବାବେଳେ ଏହାକୁ ଅଞ୍ଚଳବାସୀ ଓ ଅଭିଭାବକମାନେ ବିରୋଧ କରି ଆନ୍ଦୋଳନ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନ ବିଦ୍ୟାଳୟ ପଛ ପଟେ ଥିବା ୩୯ ଡିସିମିଲ ଜମିରେ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ସେହିପରି ବଇଣ୍ଡା ହାଇସ୍କୁଲରେ ଗଣିତ ଓ ଇଂଲିଶର ୨ ଶିକ୍ଷକ ପଦୀବ ଦୀର୍ଘଦିନ ହେବ ଖାଲି ପଡିଥିବାବେଳେ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ ପାଠପଢାରେ ଅସୁବିଧା ସୃଷ୍ଟି ହେଉଛି। ସେହିପରି ଜାତୀୟ ରାଜପଥ ସମ୍ପ୍ରସାରଣ କରାଯାଉଥିବାବେଳେ ୪ ବର୍ଷ ତଳୁ ବଇଣ୍ଡା ଗ୍ରାମରେ ଉଚ୍ଛେଦ ପ୍ରକ୍ରିୟା ହୋଇଛି। ହେଲେ ରାସ୍ତାକାର୍ଯ୍ୟ ୧୦ ପ୍ରତିଶତ ହୋଇନାହିଁ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇ ନ ଥିବାରୁ ବଇଣ୍ଡା ଅଞ୍ଚଳର ବିକାଶ ହୋଇପାରୁନାହିଁ। ତୁରନ୍ତ ଏଗୁଡିକ ସମାଧାନ କରିବା ପାଇଁ ଗ୍ରାମବାସୀ ବିଧାୟକଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଏ ନେଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଧାୟକ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଶାଳ, ଶାଗୁଆନ କାଠ ଜବତ

**ଛେଣ୍ଡିପଦା,୨୩।୪ (ସ୍ୱ.ପ୍ର.)**



ଅନୁଗୋଳ ଜିଲା ଜରପଡା ବନାଞ୍ଚଳ ପୁଟଗାଡିଆ ଗ୍ରାମ ନିକଟସ୍ଥ ଏକ ଆମ୍ବତୋଟାରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଶାଳ ଗଣ୍ଡି ଓ ଶାଗୁଆନ କାଠ ଜବତ କରାଯାଇଥିବା ବେଳେ ବନବିଭାଗକୁ ଦେଖି ଘଟଣାସ୍ଥଳରୁ କାଠ ମାଫିଆମାନେ ଫେରାର ହୋଇଯାଇଥିଲେ। ଘଟଣାରୁ ପ୍ରକାଶ, ଜରପଡା ବନାଞ୍ଚଳରେ ଦୀଘ ଦିନ ହେବ ବେଆଇନ ଭାବେ ମୂଲ୍ୟବାନ କାଠ କଟାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଜରପଡା ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୁଟଗାଡିଆ ଗ୍ରାମ ନିକଟସ୍ଥ ଏକ ଆମ୍ବତୋଟାରେ ଚଢାଉ କରିଥିଲେ। ଚଢାଉ ବେଳେ ବନବିଭାଗକୁ ଦେଖି ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ସେଠାରୁ ୨୦ଟି ଶାଳ ଓ ଶାଗୁଆନ ଗଣ୍ଡି ଜବତ କରିବା ସହ ପଟା ଜବତ କରିଛି। ଜବତ କାଠ ପ୍ରାୟ ୩୦ ସିଏଫ୍‌ଟିରୁ ଉର୍ଦ୍ଧ୍ୱ ହେବ ବୋଲି ବନବିଭାଗ ପ୍ରକାଶ କରିଛି। ଜବତ କାଠକୁ ଜରପଡା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯିବା ସହିତ ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ବନବିଭାଗ ପ୍ରକାଶ କରିଛି।

# ୬୦ଟି ଟେଣ୍ଡରକୁ ନେଇ କାଉନସିଲରଙ୍କ ଅସନ୍ତୋଷ

**ଅନୁଗୋଳ ଅଫିସ,୨୩।୪**

### ଅନୁଗୋଳ ପୌର ପରିଷଦର ପ୍ରଥମ ବୈଠକ



ପୌର ପରିଷଦର ପ୍ରଥମ ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ।

ନିର୍ବାଚନ ପରେ ଅନୁଗୋଳ ପୌର ପରିଷଦର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ତେବେ ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟ ପାଇଁ ନିର୍ବାଚନ ପୂର୍ବରୁ ୬୦ଟି ଟେଣ୍ଡର କରାଯାଇଥିବାରୁ ତାହାକୁ ନେଇ ନବନିର୍ବାଚିତ କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ନୂଆ ପରିଷଦ ଗଠନ ପୂର୍ବରୁ କାହିଁକି ତରବରରେ ଟେଣ୍ଡର ଡକାଗଲା ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ସେହିପରି ଜିଲା ମହୋତ୍ସବକୁ ନିମନ୍ତ୍ରଣ କରାଯାଇ ନ ଥିବାରୁ କାଉନସିଲରମାନେ ତାହାକୁ ନିନ୍ଦା କରିଥିଲେ। ତେବେ ନିର୍ବାଚନ ବେଳେ ଭୋଟରମାନଙ୍କୁ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ସମ୍ପର୍କରେ ଏହି ପ୍ରଥମ ବୈଠକରେ ସେପରି ଆଲୋଚନା ହୋଇ ନ ଥିବା ସୂଚନା ମିଳିଛି। ତେବେ ପୌରାଞ୍ଚଳରେ ଥିବା ୨୧ଟି ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ହୋଇପାରୁ ନ ଥିବାରୁ ତାହା ଉପରେ ଜୋରଦାର ଆଲୋଚନା ହୋଇଥିଲା। ଏଥିପାଇଁ ୬ ବର୍ଷ ହେଲା ଅର୍ଥ ପଡ଼ିରହିଥିଲେ ମଧ୍ୟ ବିଭିନ୍ନ କ୍ଲବ ଘର, ଭଡ଼ା ଘରେ ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଚାଲିଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ସେହିପରି ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବା ସହ ୱାର୍ଡରେ ଏଟିଏମ୍ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ପୌରପାଳିକାରେ ୱାର୍ଡ ଅଫିସ ଖୋଲିବାକୁ ଦାବି କରାଯାଇଥିଲା। କଦମ ପଡ଼ିଆରେ ଦୋକାନ ଘର ନିଲାମ ଦିଆଯାଇଥିବା ବେଳେ କମ୍ ମୂଲ୍ୟ ନିର୍ଦ୍ଧାରଣ ଓ ନିର୍ବାଚନ ପୂର୍ବରୁ ଭେଣ୍ଡିଂ ଜୋନ ଉଦ୍‌ଘାଟନ କରାଯିବା ନେଇ ବୈଠକରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଉପନଗରପାଳ ଅନୁପମା ସାହୁ, ବିଧାୟକ ଓ ଏମ୍‌ପିଙ୍କ ପ୍ରତିନିଧି ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

### ଟାଟାଷ୍ଟିଲ୍ ଅଗ୍ନି ସୁରକ୍ଷା ସଚେତନତା

# ସାମିଲ ହେଲେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୨୩।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ହିନ୍ଦୋଳ ବ୍ଲକ ଖଲିବେରେଣା ଗ୍ରାମରେ ଶୁକ୍ରବାର ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନି ସମ୍ପର୍କିତ ବିପଦ, ବିଭିନ୍ନ ପ୍ରକାର ଅଗ୍ନିକାଣ୍ଡ, ଅଗ୍ନିଜନିତ ଦୁର୍ଘଟଣା ଉପରେ ମୌଳିକ ଜ୍ଞାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ପଞ୍ଚାୟତିରାଜ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ। ଜାତୀୟ ଅଗ୍ନି ସେବା ସପ୍ତାହ ପାଳନର ଅଂଶବିଶେଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଥିଲା 'ଅଗ୍ନି ସୁରକ୍ଷା ଉପରେ ଜ୍ଞାନ ଆହରଣ, ଉତ୍ପାଦକତାରେ ବୃଦ୍ଧି'। ଟାଟାଷ୍ଟିଲ ମେରାମଣ୍ଡଳୀ ଅଗ୍ନି ସୁରକ୍ଷା ଟିମ୍, ସିଏସ୍‌ଆର ଟିମ୍, ଖଲିବେରେଣା ବିଦ୍ୟାଳୟ ପରିଚଳନା କମିଟି ସହଭାଗିତାରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି କମ୍ପାନୀ ପକ୍ଷରୁ କୁଇଜ୍, ଜନ ସଚେତନତା କାର୍ଯ୍ୟକ୍ରମ, କାରଖାନା ପରିସର ଏବଂ ଆବାସିକ କଲୋନୀରେ ଅଗ୍ନି ନିର୍ବାପକ ପ୍ରଣାଳୀ ଉପରେ ଡେମୋ ପ୍ରଦର୍ଶିତ ହୋଇଥିଲା। କର୍ମଚାରୀ, ଶ୍ରମିକ ଓ ଆବାସିକ କଲୋନୀରେ ରହୁଥିବା ପରିବାର ସଦସ୍ୟଙ୍କ ମଧ୍ୟରେ ଅଗ୍ନି ସୁରକ୍ଷା ସଚେତନତା ସୃଷ୍ଟି କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

# ଗରିବଙ୍କ ନିକଟରେ ପହଞ୍ଚିବ ସ୍ୱାସ୍ଥ୍ୟସେବା

**ବଇଣ୍ଡା,୨୩।୪(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ କିପରି ଉପଯୁକ୍ତ ସ୍ୱାସ୍ଥ୍ୟସେବା ପହଞ୍ଚିବ ସେ ନେଇ ସରକାର ଅଙ୍ଗୀକାରବଦ୍ଧ। ଏଥିପାଇଁ ଗରିବ ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେମାନେ ରାଜ୍ୟ ତଥା ରାଜ୍ୟ ବାହାରେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ ବୋଲି ଶନିବାର କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି।

ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟବକ୍ତା ଭାବେ ଜିଲାପରିଷଦ ସଭାପତି ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଉପ ଜିଲାପାଳ ଲଳିତ ମୋହନ ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ବେହେରା, ବ୍ଲକ ଉପାଧ୍ୟକ୍ଷ ଲବ କିଶୋର ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରିୟବ୍ରତ ଦାସ ଯୋଗ ଦେଇଥିଲେ। ଡା. ସତ୍ୟନାରାୟଣ ସିଂ ସାମନ୍ତ ପରିଚାଳନା କରିଥିବାବେଳେ ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ଏହି ମେଳାରେ ବହୁ ବିଭାଗର ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଲୋକ ଯୋଗଦେଇ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସରୋଜ ନନ୍ଦ ଧନ୍ୟବାଦ ଦେଇଥିଲେ। ସ୍ୱାସ୍ଥ୍ୟକର୍ମଚାରୀ ନାରାୟଣ ଦେହୁରୀ, ମନୋଜ ପ୍ରଧାନ ସହଯୋଗ କରିଥିଲେ।

**cmpdi** Central Mine Planning & Design Institute Ltd.
(A Subsidiary of Coal India Limited)
Gondwana place, Kanke Road, Ranchi - 834 031, JHARKHAND,India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**Odisha Mining Corporation Ltd.**
(A Gold Category State PSU)
Registered Office : OMC House, Bhubaneswar - 751001, India
Tel: 0674-2377400/2377401, Fax: 0674-2396889, 2391629, https://omcltd.in
CIN: U13100OR1956SGC000313
OMC | ODISHA NEW OPPORTUNITIES — Mining Happiness
No. 6560/OMC/ 2022
Date: 23/04/2022

**NOTICE**

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022 for the post of Jr. Accountant, the Computer Proficiency Test (CPT) will be conducted on 30.04.2022 in respect of the provisionally shortlisted candidates (The list is available on OMC Website). Please visit OMC website (https://omcltd.in) for details regarding Computer Proficiency Test (CPT) centre, test duration, reporting time etc. The sample question pattern for the Computer Proficiency Test (CPT), Letter of Undertaking for using Scribe/ Reader and Additional Instructions for Scribe/ Reader along with Self Declaration by the scribe/ Reader (for use of the PwD candidates opting for use of Scribe/ Reader) are available in OMC website (https://omcltd.in) for reference.

**Sd./- GENERAL MANAGER (P&A)**

**CORRIGENDUM** No. L-23
(As per Pre-Bid Clarifications Soughted)
**DIRECTORATE OF AGRICULTURE AND FOOD PRODUCTION, ODISHA**
**SUBMISSION OF BID FOR REQUEST FOR PROPOSAL PUBLISHED ON DATED: 05.04.2022**
Selection of Outsourcing Agency for "Outsourcing Identified Static Soil Testing Laboratories" in the Districts under the Director of Agriculture and Food Production, Odisha

1. EMD is exempted for all bidders but a bid security declaration should accompany the application.
2. The turnover criteria is exempted for Start ups.
3. The quoting of professional fees by the bidder is dropped.
4. In Section 2 (at Page No. 21): Failure on bidder's part to furnish the deliverables as per the agreed time line will enforce a penalty @ 1% per week subject to maximum of 3% of the total contract value.
5. In Section 4 (Page 37) contract value more than Rs.5.00 Crore each and duration more than 1 year each may be read as contract value more than Rs.5.00 Crore and duration more than 1 year in Tech A-5.

Sd./- Director of Agriculture and Food Production, Odisha
OIPR-01034/11/0003/2223

## ସଂକ୍ଷେପରେ

### ୨୫ରେ ହିନ୍ଦୋଳରେ ଜନଅଭିଯୋଗ ଶୁଣାଣି

**ଢେଙ୍କାନାଳ ଅଫିସ,୨୩।୪:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୨୫ ତାରିଖ (ସୋମବାର)ରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଯୋଗଦେବେ। ଶିବିରରେ ବ୍ଲକବାସୀ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଇପାରିବେ। ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏନ୍ଏସି ବିକାଶ ପାଇଁ ଲୋଡ଼ିଲେ ସହଯୋଗ

**କାମାକ୍ଷାନଗର, ୨୩।୪(ଡି.ଏନ୍.ଏ.):** କାମାକ୍ଷାନଗର ନବଜ୍ୟୋତି ଯୁବକ ସଂଘ ପକ୍ଷରୁ ନଗରପାଳ ଧର୍ମାନନ୍ଦ ପରିଡ଼ା ଏବଂ ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସଂଘ ସଭାପତି ମେଜର ପ୍ରଭାତ କୁମାର ଦାସ ସଭାପତିତ୍ୱ କରିଥିଲେ। ଏନ୍ଏସିର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ନଗରପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ସହରବାସୀଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେବାକୁ ଓକିଲ ସଂଘ ସଭାପତିଙ୍କୁ ନିବେଦନ କରାଯାଇଥିଲା। ଉପସଭାପତି ପ୍ରକାଶ ପଣ୍ଡା, ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର, ପ୍ରଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ପରଜଙ୍ଗ, ୨୩।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମାଣିକମରା ଜୟଦୁର୍ଗା ବିଦ୍ୟାପୀଠରେ ଶୁକ୍ରବାର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏମ୍ପି ମହେଶ ସାହୁ, ସିଡିଏମ୍ଓ ଅଶୋକ ଦାସ, ବିଡିଓ ବିନୋଦ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବାନୀ ଶୁଭଦର୍ଶିନୀ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ସସ୍ମିତା ସାହୁ, ନର୍ମଦା ନାଏକ, ସମିତିସଭ୍ୟ ରୁନୁ ନାଏକ ପ୍ରମୁଖ ଏହାକୁ ଉଦ୍ଘାଟନ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୧୮ଟି ଷ୍ଟଲ୍ ଖୋଲାଯାଇଥିବାବେଳେ ଦୂରଦୂରାନ୍ତରୁ ଆସିଥିବା ଲୋକଙ୍କ ପାଇଁ ଛାତ୍ରୀଛାତ୍ରମାନେ ଜଳଛତ୍ର ଖୋଲିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ପ୍ରଦୀପ ସାହୁ, ଜ୍ଞାନେନ୍ଦ୍ର ବର୍ମା, ଦିଲୀପ ବର୍ମା, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ନାଥ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ନୂତନ ଶ୍ରେଣୀଗୃହ ଉଦ୍ଘାଟିତ



**ପରଜଙ୍ଗ, ୨୩।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମାଣିକମରା ଜୟଦୁର୍ଗା ବିଦ୍ୟାପୀଠର ନୂତନ ଶ୍ରେଣୀଗୃହକୁ ଶୁକ୍ରବାର ଏମ୍ପି ମହେଶ ସାହୁ ଉଦ୍ଘାଟନ କରିଛନ୍ତି। ଅନୁଗୋଳ ଜିଲା ଖଣିଜ ପାଣ୍ଠିରୁ ୨୦ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ସରପଞ୍ଚ ନର୍ମଦା ନାଏକ, ସମିତିସଭ୍ୟା ରୁନୁ ନାଏକ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ତାତିରେ ଉହଳବିକଳ ହାତୀ



ହାତୀଙ୍କ କାଦୁଅ ସ୍ନାନ।

**ଢେଙ୍କାନାଳ ଅଫିସ, ୨୩।୪**

- ■ସଂରକ୍ଷିତ ଜଙ୍ଗଲରେ କରୁଛନ୍ତି କାଦୁଅ ସ୍ନାନ
- ■ଟ୍ରାପ୍ କ୍ୟାମେରାରେ କଏଦ ହେଲା ଦୃଶ୍ୟ

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଉହଳବିକଳ ହେଉଛି ସାରା ଓଡ଼ିଶା। ଝାଞ୍ଜି ସାଙ୍ଗକୁ ତତଲା ପବନ ଅଣନିଃଶ୍ୱାସୀ କରୁଛି। ରାଜ୍ୟରେ ପାରଦ ୪୫ ଟପିଲାଣି। ଆଗକୁ ଏହା ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଗଲାଣି। ଏଭଳିସ୍ଥିତିରେ କେବଳ ମଣିଷ ନୁହନ୍ତି, ହାତୀ ଭଳି ବିଶାଳକାୟ ପ୍ରାଣୀ ମଧ୍ୟ ଅହସ୍ୟ ରୌଦ୍ରତାପରେ କଳବଲ ହେଉଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସେମାନେ କରୁଛନ୍ତି କାଦୁଅ ସ୍ନାନ। ହାତୀ ପାଇଁ ପ୍ରସିଦ୍ଧ ଢେଙ୍କାନାଳ ଜିଲାରୁ ଆସିଛି ଏଭଳି ଚିତ୍ର। ହିନ୍ଦୋଳ ରେଞ୍ଜ୍ କନ୍ଧରା ସଂରକ୍ଷିତ ଜଙ୍ଗଲରେ ହାତୀପଲ କାଦୁଅରେ ଗଡ଼ି ଲଟପଟ ହେଉଥିବାର ଦୃଶ୍ୟ ବନ ବିଭାଗର ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି।

ଏପ୍ରିଲ୍ ପ୍ରଥମ ସପ୍ତାହରୁ ଢେଙ୍କାନାଳ ଜିଲାରେ ପ୍ରବଳ ଗରମ ଅନୁଭୂତ ହେଉଛି। ଏହାର ପ୍ରଭାବରେ ପ୍ରଭାବିତ ହୋଇଛି ବନ୍ୟଜୀବନ। ସଂରକ୍ଷିତ ଜଙ୍ଗଲରେ ରହୁଥିବା ହାତୀମାନେ ଝାଞ୍ଜିରେ କଳବଲ ହେଉଛନ୍ତି। ଶରୀରକୁ ଶୀତଳ ରଖିବା ପାଇଁ ସେମାନେ ଜଳକ୍ରୀଡ଼ା କରିବା ପରେ କାଦୁଅରେ ଗଡୁଛନ୍ତି। କନ୍ଧରା ସଂରକ୍ଷିତ ଜଙ୍ଗଲରେ ଏକ ପଲରେ ୫ରୁ ଊର୍ଦ୍ଧ୍ୱ ହାତୀ କାଦୁଅରେ କ୍ରୀଡ଼ାରତ ଥିବା ଦୃଶ୍ୟ ବନ ବିଭାଗ ପକ୍ଷରୁ ଖଞ୍ଜାଯାଇଥିବା କ୍ୟାମେରାରେ କଏଦ୍ ହୋଇଛି। ଡିଏଫ୍ଓ ଡା. ପ୍ରକାଶ ଚାନ୍ଦ ଗୋଗିନେନି ଉକ୍ତ ଫଟୋକୁ ଟୁଇଟ୍ କରିଛନ୍ତି। ସୋସିଆଲ ମିଡିଆରେ ଶେୟାର ହେବା ପରେ ଏହାକୁ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି।

ଏ ସଂକ୍ରାନ୍ତରେ ଡିଏଫ୍ଓ କୁହନ୍ତି, ମଣିଷ ଭଳି ହାତୀ ମଧ୍ୟ ଅତ୍ୟଧିକ ଗରମ ସହ୍ୟ କରିପାରନ୍ତି ନାହିଁ। ଶରୀରକୁ ଥଣ୍ଡା ରଖିବା ପାଇଁ ଜଳକ୍ରୀଡ଼ା ପରେ ସେମାନେ କାଦୁଅରେ ଗଡ଼ିବାକୁ ଭଲପାଇଥାଆନ୍ତି।

### ୪୧.୫ ଡିଗ୍ରୀ ଛୁଇଁଲା ପାରଦ

ଢେଙ୍କାନାଳ ଜିଲାରେ ଶନିବାର ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି। ଗରମ ପବନ ସହରବାସୀଙ୍କୁ ଅତିଷ୍ଠ କରିପକାଇଛି। ଖରାର ପ୍ରକୋପ ପାଇଁ ପୂର୍ବାହ୍ନ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ସନ୍ଧ୍ୟା ୬ଟା ଯାଏ ତାତି ଅନୁଭୂତ ହେଉଛି। ତେବେ ଏଭଳି ସମୟରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଅପରପକ୍ଷେ ଗ୍ରୀଷ୍ମପ୍ରବାହରେ ପୌରସଂସ୍ଥା ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର, ଦହିସରବତ ବଣ୍ଟନ କରାଯାଉଥିବା ସ୍ଥାନରେ ଭିଡ଼ ଜମୁଛି।

## ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଘସିପୁରା/ଆନନ୍ଦପୁର,୨୩।୪ (ଡି.ଏନ୍.ଏ./ସ୍ୱ.ପ୍ର.):**

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଦେଓଗାଁ ରେଞ୍ଜ ଅଧୀନ ନୂଆବରିପାଳ ଜଙ୍ଗଲରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ ନାରଙ୍ଗପୁର ଗ୍ରାମର ଦୁଃଶାସନ ଜେନା(୬୮)। ଦୁଃଶାସନ ଶନିବାର ସକାଳ ସମୟରେ ନୂଆବରିପାଳ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ହାତୀ ଶବ୍ଦ ଶୁଣି ସେ ସ୍ଥାନ ଛାଡିବାକୁ ଉଦ୍ୟମ କରୁଥିବା ସମୟରେ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ କଚାଡି ଫିଙ୍ଗିଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ବନବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତକଙ୍କ ପରିବାରକୁ ତ୍ୱରିତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ମୃତବ୍ୟକ୍ତିଙ୍କର ଶବ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ଆସିବା ପରେ ସରକାରୀ ନିୟମ ଅନୁଯାଇ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଦେଓଗାଁ ରେଞ୍ଜର ସୁରେନ୍ଦ୍ର ନାଥ ହେମ୍ବ୍ରମ ସୂଚନା ଦେଇଛନ୍ତି।

# 'ଅନୁଷ୍ଠାନ ଜୀବନ ସଦୃଶ'




ଅତିଥିଙ୍କ ଉପସ୍ଥିତିରେ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୩।୪**

### ଆଇଆଇଏମ୍ସିରେ ଇମ୍କା ୧୦ମ କନେକ୍ସନ୍-୨୦୨୨

ଅନୁଷ୍ଠାନ ହେଉଛି ଜୀବନ ସଦୃଶ। ଏହା ଯେତେଦିନ ପର୍ଯ୍ୟନ୍ତ ବଞ୍ଚିରହିବ, ସେତେଦିନ ଯାଏ ଛାତ୍ରୀଛାତ୍ରମାନେ ଗର୍ବ ଅନୁଭବ କରିବେ। ପ୍ରତ୍ୟେକ ବ୍ୟକ୍ତି ଅନୁଷ୍ଠାନ ସହିତ ଯୋଡ଼ିହୋଇ ରହିବା ଏବଂ ପ୍ରତିଦାନ ସ୍ୱରୂପ କର୍ତ୍ତବ୍ୟବୋଧକୁ ଅନୁଭବ କରିବା ଉଚିତ୍ ବୋଲି କହିଛନ୍ତି ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍ସି)ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ। ଶିକ୍ଷାନୁଷ୍ଠାନର ପ୍ରେକ୍ଷାଳୟରେ ପୁରାତନ ଛାତ୍ର ସଂଘ ଇମ୍କା ଓଡ଼ିଶା ଶାଖାର ୧୦ମ ମିଳନ ଉତ୍ସବ 'କନେକ୍ସନ-୨୦୨୨'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ନିଜ ଅଭିଭାଷଣରେ ଏହା କହିଥିଲେ।

ଇମ୍କା ସଦସ୍ୟ ତଥା ହିନ୍ଦୁସ୍ତାନ ଟାଇମ୍ସର ଡିଜିଟାଲ୍ ସମ୍ପାଦକ ପ୍ରଭାସ ଝା କହିଲେ, ଆଇଆଇଏମ୍ସି ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ସହ ବିଗତ ୧୦ବର୍ଷ ଧରି ଇମ୍କା ଯୋଡ଼ିହୋଇ ରହିବାର ସୁଯୋଗ ସୃଷ୍ଟି କରିଛି। ପ୍ରତିଷ୍ଠାତା ସଦସ୍ୟ ରୀତେଶ ବର୍ମା ସଂଘର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ତଥା ହିନ୍ଦୁସ୍ତାନ ଟାଇମ୍ସର କଣ୍ଟେଣ୍ଟ ଅଫିସର ପ୍ରସାଦ ସନ୍ୟାଲ୍ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଓଡ଼ିଶା ଶାଖା ସମ୍ପାଦକ ଜ୍ୟୋତିପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ।

ଏହି ଉପଲକ୍ଷେ ଇଂଲିଶ ସାମ୍ବାଦିକତା ବିଭାଗ ଛାତ୍ରୀ ଶର୍ମିଳା ଭଦୋରିଆଙ୍କୁ ବ୍ରିଗେଡିୟର ଜେ.ଏସ୍. ବାୱା ସ୍ମାରକୀ ଇମ୍କା ମେଧାବୃତ୍ତି, ଲାଚି ଗୋଲାଙ୍କୁ ଏସ୍.ଟି.ଏସ୍. ଥିରୁମଲ୍ଲାଇନାଥନ୍-ପୋନ୍ନାମଲ ସ୍ମାରକୀ ଇମ୍କା ମେଧାବୃତ୍ତି, ଓଡ଼ିଆ ସାମ୍ବାଦିକତା ବିଭାଗ ଛାତ୍ର ସୁମନ ରଣାଙ୍କୁ ଏମ୍.ଏନ୍. ରୟ ସ୍ମାରକୀ ଇମ୍କା ମେଧାବୃତ୍ତି, ସଦାଶିବ ଚାନ୍ଦଙ୍କୁ ସେହଦେବ ଓ ସୁଶୀଳା ଚିବର ସ୍ମାରକୀ ଇମ୍କା ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏତଦ୍ବ୍ୟତୀତ ଓଡ଼ିଆ ସାମ୍ବାଦିକତା ଛାତ୍ରୀ ଶୁଭଶ୍ରୀ ଶୁଭସ୍ମିତାଙ୍କୁ ପ୍ରଫେସର ବି.ବି. ମହାନ୍ତି ସ୍ମାରକୀ ଏବଂ ଇଂଲିଶ ସାମ୍ବାଦିକତା ଛାତ୍ରୀ ପଲକ୍ ଖାରେଙ୍କୁ ପ୍ରଫେସର କେ.ଏମ୍. ଶ୍ରୀବାସ୍ତବ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମକୁ ଛାତ୍ରୀ ଅନନ୍ୟା ବାଜପେୟୀ ଓ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଭାବନା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍ଥାନର ଅଧିକାରୀ କେଦାରନାଥ ଜେନା, ବଦ୍ରିନାଥ ଜେନା, ଶୁଭଙ୍କରୀ ଦାସ, ଏକାଡେମିକ୍ ଆସୋସିଏଟ ଅଭିଷେକ ରାୟ, ଆସିଷ୍ଟାଣ୍ଟ ପଦ୍ମଲୋଚନ ପ୍ରଧାନଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଗୋଷ୍ଠୀସ୍ତରୀୟ ସ୍ୱାସ୍ଥ୍ୟମେଳା

**କାମାକ୍ଷାନଗର, ୨୩।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ଆୟୁଷ୍ମାନ ଭାରତ ଗୋଷ୍ଠୀସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରୋଗ ଚିହ୍ନଟ ଏବଂ ପରୀକ୍ଷା ପାଇଁ ୧୫ଟି ଷ୍ଟଲ୍ ଖୋଲାଯାଇଥିଲା। ବ୍ଲକର ବିଭିନ୍ନ ସ୍ଥାନରୁ ଶତାଧିକ ରୋଗୀ ଉପସ୍ଥିତ ରହି ବିଶେଷଜ୍ଞଙ୍କଠାରୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ନେଇଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍ପି ମହେଶ ସାହୁ, ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ବିଶ୍ୱାଳ, ବିଡିଓ ବିକାଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଏଭଳି କାର୍ଯ୍ୟକ୍ରମର ଭରପୂର ସୁଯୋଗ ନେବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୯୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ



**କାମାକ୍ଷାନଗର, ୨୩।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପରେ ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ-ୟୁ)ରେ ୨୯୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିସହ ଭଡା ଯୋଜନାରେ ୪୬ଜଣଙ୍କୁ ସାମିଲ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଏମ୍ପି ମହେଶ ସାହୁ, ନଗରପାଳ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କାମାକ୍ଷାନଗର ସହରାଞ୍ଚଳରେ ଜଣେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପଦକ୍ଷେପ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ନଗରପାଳ କହିଲେ, ଏନ୍ଏସିକୁ ଚାଳଘର ମୁକ୍ତ କରିବା ଲାଗି ସେ ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ସେ ନିଜେ ହିତାଧିକାରୀ ଚୟନ କରିଛନ୍ତି। ନିୟମ ଅନୁଯାୟୀ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନ ରାଶି ନେବାକୁ ଏମ୍ପି ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ଢେଙ୍କାନାଳ ପୌରାଞ୍ଚଳ ୯ନଂ. ୱାର୍ଡ ଅନ୍ତର୍ଗତ କୁଟୁଣିଆ ଜୁଆଙ୍ଗ ସାହିରେ ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ ଶନିବାର ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବସ୍ତିର କୁନିକୁନି ପିଲାଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା।

## ଜନପ୍ରତିନିଧିଙ୍କୁ ଜଣାଇଲେ ସମସ୍ୟା

**ଭୁବନ, ୨୩।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଶୁକ୍ରବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ନବନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନଗରପାଳ ଶୁଭେନ୍ଦୁ ସାହୁ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବରିଷ୍ଠ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର, ପୁରାତନ ଛାତ୍ର ସଂସଦ ସଭାପତି ବିନୟ କଅଁର, ସମ୍ପାଦକ ମାତୃପ୍ରସାଦ ମିଶ୍ର ପ୍ରମୁଖ କଲେଜରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ନଗରପାଳ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ। ଆବଶ୍ୟକସ୍ଥଳେ ସରକାର ଏବଂ ଶିକ୍ଷା ବିଭାଗର ଦୃଷ୍ଟିଆକର୍ଷଣ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଅଧ୍ୟାପକ ତଥା ପୁରାତନ ଛାତ୍ର ସଂସଦ ସଂଯୋଜକ ପ୍ରଭାତ ଜେନାଙ୍କ ସମେତ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ଅନ୍ୟମାନେ।

# ଗଡ଼ିଲା ଶିଶୁ ସୁରକ୍ଷା ରଥ




ଜିଲାପାଳ ସରୋଜ କୁମାର ସେଠୀ ଏବଂ ଅନ୍ୟ ଅଧିକାରୀମାନେ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ୍, ୨୩।୪**

ଢେଙ୍କାନାଳ ଜିଲାରେ ଶୁକ୍ରବାର ଗଡ଼ିଛି କୋଭିଡ୍-୧୯ ଟିକାକରଣ ଏବଂ ଶିଶୁ ସୁରକ୍ଷା ସଚେତନତା ରଥ। ଜିଲାପାଳ ସରୋଜ କୁମାର ସେଠୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପିଡି ଡିଆର୍ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଡିଓ ସୁଧୀର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଏସ୍ଏଚ୍ଜି ସଦସ୍ୟ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। କରୋନା ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ଏବେ ବି ବିପଦ ସମ୍ପୂର୍ଣ୍ଣ ହଟିନାହିଁ। ଶିଶୁମାନଙ୍କ ଟିକାକରଣ ହୋଇ ନ ଥିବାରୁ ସେମାନଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ମହାମାରୀର ମୂଳୋତ୍ପାଟନ କରିବା ଲାଗି ଶତ ପ୍ରତିଶତ ଟିକାକରଣ ଜରୁରୀ। ବାଲ୍ୟ ବିବାହ, ଶିଶୁ ଶ୍ରମିକ, କନ୍ୟାଭ୍ରୂଣ ହତ୍ୟା, ଶିଶୁ ନିର୍ଯାତନା ଭଳି କୁପ୍ରଥାର ବିଲୋପ ପାଇଁ ଜିଲା ପ୍ରଶାସନ ଓ ଆକ୍ସନଏଡ୍ ଆସୋସିଏଶନର ମିଳିତ ସହଯୋଗରେ ଏହି ସଚେତନତା ରଥ ସମସ୍ତ ବ୍ଲକ ପରିକ୍ରମା କରିବ।

## ହିତାଧିକାରୀ ଜାଣିଲେ ବୀମା ଯୋଜନା

**ଢେଙ୍କାନାଳ ଅଫିସ, ୨୩।୪**

ଯୋରନ୍ଦା ଷ୍ଟେଟ୍ ବ୍ୟାଙ୍କ ଅଧୀନ ମହୁଲଖୋଳି ଗ୍ରାହକ ସେବାକେନ୍ଦ୍ରରେ ଗ୍ରାହକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସେବାକେନ୍ଦ୍ର ସ୍ୱତ୍ୱାଧିକାରୀ ମୋନାଲିସା ରାଉତଙ୍କ ତତ୍ତ୍ୱାବଧାନରେ ବହୁ ଜନସାଧାରଣ, ଏସ୍ଏଚ୍ଜି, ଅଙ୍ଗନୱାଡି କର୍ମୀ ଏବଂ ହିତାଧିକାରୀ ଯୋଗଦେଇ ବୀମା ଯୋଜନା ବିଷୟରେ ସଚେତନ ହୋଇଥିଲେ। ମୁଖ୍ୟ ଅତିଥି ଯୋରନ୍ଦା ଷ୍ଟେଟ୍ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ ସାହୁ, ସମ୍ମାନିତ ଅତିଥି ଗ୍ରାହକସେବା କେନ୍ଦ୍ରର ଜିଲା ସଂଯୋଜକ ବିମଳ ପଣ୍ଡା, ପୂର୍ବତନ ସରପଞ୍ଚ ସାଗରିକା ସାହୁ, ଶିକ୍ଷକ ବିଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଅଟଳ ପେନ୍ସନ୍, ଜୀବନଜ୍ୟୋତି ବୀମା ସମ୍ପର୍କରେ ବୁଝାଇଥିଲେ। ଚନ୍ଦ୍ରଶେଖରପୁର ଗ୍ରାମର ଅଞ୍ଜଳି ନାଏକଙ୍କୁ ବୀମାରାଶି ବାବଦକୁ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଗୋପବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଅଞ୍ଜଳି ନାଏକଙ୍କୁ ବୀମାରାଶି ବାବଦକୁ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

